# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଭାଗ
# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୬୮ (ଓଡ଼ିଆ ବୁଲେଟିନ୍) ସପ୍ତାହ – ୩୪ ତାରିଖ: ୨୫.୦୮.୨୦୨୬

## ପଶ୍ଚିମ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ

## ଜିଲ୍ଲା – ବରଗଡ଼

### ବିଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ତଥ୍ୟ (୧୯.୦୮.୨୦୨୬ ରୁ ୨୫.୦୮.୨୦୨୬)

| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ବୃଷ୍ଟିପାତ (ମିଲି ମିଟର) |
|---|---|---|
| **30** | **23** | **78.0** |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୨୬-୦୮-୨୦୨୬ | ୨୭-୦୮-୨୦୨୬ | ୨୮-୦୮-୨୦୨୬ | ୨୯-୦୮-୨୦୨୬ | ୩୦-୦୮-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 13 | 6 | 7 | 15 | 26 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 30 | 30 | 29 | 27 | 27 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 25 | 25 | 24 | 24 | 24 |
| ମେଘ ଆବରଣ(ଓକଟା) | 6 | 6 | 7 | 8 | 8 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 93 | 93 | 95 | 94 | 93 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 75 | 74 | 79 | 85 | 87 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 15 | 15 | 15 | 16 | 15 |
| ପବନର ଦିଗ (ଡିଗ୍ରୀ) | 251 | 249 | 256 | 278 | 269 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ହେବା ସହିତ ଆକାଶ ସାଧାରଣତଃ ରୁ ପୂର୍ଣ୍ଣତଃ ମେଘାଚ୍ଛନ୍ନ ରହିବାର ସମ୍ଭାବନା ଅଛି । ଆଗାମୀ ଦିନଗୁଡ଼ିକରେ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ବଡ଼ ପରିବର୍ତ୍ତନ ଦେଖାଯିବାର ସମ୍ଭାବନା ନାହିଁ କିନ୍ତୁ ସର୍ବାଧିକ ତାପମାତ୍ରାରେ ସାମାନ୍ୟ ହ୍ରାସ ଦେଖିବାକୁ ମିଳିପାରେ । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଆପେକ୍ଷିକ ଆର୍ଦ୍ରତା ଅଧିକ ରହିବା ସହିତ ଘଣ୍ଟା ପ୍ରତି ୧୫ ରୁ ୧୬ କି.ମି. ବେଗରେ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ପୂର୍ବାନୁମାନ କରାଯାଇଅଛି ।

### ସାଧାରଣ ଉପଦେଶ

- ପୂର୍ବଦିନଗୁଡିକରେ ହୋଇଥିବା ବର୍ଷାର ସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀଭାଇମାନେ ନିଜ ଜମିରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରି ନିଚୁଆ ଜମିରୁ, ବିଶେଷକରି ଧାନ ଓ ଅତ୍ୟଧିକ ଜଳ ପ୍ରତି ସମ୍ବେଦନଶୀଳ ଫସଲରୁ ଅତିରିକ୍ତ ପାଣି ନିଷ୍କାସନ କରନ୍ତୁ ।
- ଜମିରୁ ଅତିରିକ୍ତ ପାଣି ନିଷ୍କାସିତ ହେବା ପରେ ମାଟିରେ ପର୍ଯ୍ୟାପ୍ତ ଆର୍ଦ୍ରତା ରଖି ଜଳସେଚନ ଓ ସାର ପ୍ରୟୋଗ କାର୍ଯ୍ୟ କରନ୍ତୁ ।
- ବର୍ତ୍ତମାନର ମେଘୁଆ ବା ଆର୍ଦ୍ର ପାଗରେ ଫସଲରେ କୀଟପୋକ ଓ ରୋଗ, ବିଶେଷକରି କବକ ଜନିତ ରୋଗର ଆକ୍ରମଣକ ପ୍ରତି ନିୟମିତ ଭାବେ ନିରୀକ୍ଷଣ କରନ୍ତୁ ।
- କୃଷକଭାଇମାନେ ସ୍ଥାନୀୟ ପାଣିପାଗ ପୂର୍ବାନୁମାନ ଏବଂ କୃଷି ପାଣିପାଗ ପରାମର୍ଶ ସମ୍ପର୍କରେ ସଦା ଅବଗତ ରୁହନ୍ତୁ । ଫସଲ ଓ ପଶୁପାଳନ ସମ୍ବନ୍ଧୀୟ ସମସ୍ତ କୃଷି କାର୍ଯ୍ୟ ସଦ୍ୟ ପ୍ରସାରିତ ପାଣିପାଗ ସୂଚନା ଅନୁଯାୟୀ କରନ୍ତୁ ।

### ସଂକ୍ଷିପ୍ତ ଉପଦେଶ

- ପୂର୍ବ ଦିନର ବର୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀଭାଇମାନେ ଫଳ ଓ ପନିପରିବା କ୍ଷେତ୍ରରୁ ଅତିରିକ୍ତ ଜଳ ନିଷ୍କାସନ ପାଇଁ ଆବଶ୍ୟକ ବ୍ୟବସ୍ଥା କରନ୍ତୁ ।

### ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|

| | | |
|---|---|---|
| ବର୍ଷା ଦିନିଆ (ଖରିଫ) ଧାନ | ପିଲ ବାହାରିବା ଅବସ୍ଥା | • ଚାଷୀଭାଇମାନଙ୍କୁ ପରାମର୍ଶ ଦିଆଯାଉଛି ଯେ, ଧାନ କ୍ଷେତରେ ପର୍ଯ୍ୟାପ୍ତ ପାଣି ରଖିବା ସହିତ ଅତିରିକ୍ତ ବର୍ଷାଜଳ ନିଷ୍କାସନ ପାଇଁ ଆବଶ୍ୟକ ବ୍ୟବସ୍ଥା କରନ୍ତୁ ।<br>• ଧାନ ଫସଲରେ ହଳଦିଆ କାଣ୍ଡବିନ୍ଧା ପୋକ ଓ ପତ୍ରମୋଡ଼ା ପୋକ ର ନିରୀକ୍ଷଣ ପାଇଁ ଏକର ପିଛା ୪–୫ଟି ଫେରୋମୋନ୍ ଟ୍ରାପ୍ ସ୍ଥାପନ କରନ୍ତୁ । ପ୍ରତି ଟ୍ରାପ୍‌ରେ ୪ କିମ୍ବା ୫ଟି ପୁରୁଷ ପୋକ ଧରାପଡ଼ିଲେ, ଆକାଶ ସଫା ଓ ପବନର ଗତି ଶାନ୍ତ ଥିବା ସମୟରେ ଆବଶ୍ୟକ କୀଟନାଶକ ପ୍ରୟୋଗ କରନ୍ତୁ ।<br>• ଧାନ କ୍ଷେତରେ ଲେଡା ପୋକର ଆକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ଶୁଖିଲା ପାଗରେ ପ୍ରତି ହେକ୍ଟର ପିଛା ରାଇନାକ୍ସିପିର ୧୮.୫ ଏସ୍.ସି. @ ୧୫୦ ମିଲି କିମ୍ବା ଫିପ୍ରୋନିଲ୍ ୫ ଏସ୍.ସି. @ ୨୫୦ ମିଲି କିମ୍ବା ଟେଟ୍ରାନିଲିପ୍ରୋଲ୍ ୧୮.୧୮ ଏସ୍.ସି. @ ୨୫୦ ମିଲିକୁ ସିଂଚନ କରିବାକୁ କୃଷକମାନଙ୍କୁ ପରାମର୍ଶ ଦିଆଯାଉଛି ।<br>• ପିଲ ଅବସ୍ଥାର ଥିବା ଧାନ ଗଛରେ ଖେତରୁ ଅଧିକ ପାଣି ନିଷ୍କାସନ କଲାପରେ ପର୍ଯ୍ୟାପ୍ତ ମାଟିର ଆର୍ଦ୍ରତା ରଖି ସାର ପ୍ରୟୋଗ କାର୍ଯ୍ୟ କରନ୍ତୁ । |
| ମକା | ଅଙ୍ଗିୟ ଅବସ୍ଥା | • ବର୍ତ୍ତମାନର ପାଣିପାଗ ପରିସ୍ଥିତି (ଆର୍ଦ୍ର ପାଗ, ମଝିରେ ମଝିରେ ବର୍ଷା, ମେଘୁଆ ଆକାଶ ଏବଂ ଅଧିକ ମାଟି ଆର୍ଦ୍ରତା) ମକାରେ ଫଲ୍ ଆର୍ମିୱର୍ମ, କାଣ୍ଡ ବିନ୍ଧା ପୋକ ଏବଂ ପତ୍ରଜନିତ ରୋଗର ଆକ୍ରମଣ ବୃଦ୍ଧି ପାଇଁ ଅନୁକୂଳ ଅଟେ । ତେଣୁ ଏହି ପୋକ ଓ ରୋଗର ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଉଛି ।<br>• ମକା କ୍ଷେତରେ ଜମିଥିବା ଅତିରିକ୍ତ ପାଣିକୁ ଯଥାଶୀଘ୍ର ନିଷ୍କାସନ କରିବା ହେତୁ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ, ଯାହାଦ୍ୱାରା ଚେର ବା ମୂଳର କ୍ଷତିକୁ ରୋକାଯାଇପାରିବ ।<br>• ବର୍ଷା ବନ୍ଦ ହେବା ଏବଂ ମାଟି ଚାଷ ଉପଯୋଗୀ ହେବା ପରେ ହିଁ ନାଇଟ୍ରୋଜେନ୍ ଯୁକ୍ତ ସାରର ପ୍ରୟୋଗ କରନ୍ତୁ ଏବଂ ଗଛ ଭାଙ୍ଗି ପଡ଼ିବା (ଲଜିଂ) ରୋକିବା ପାଇଁ ମକା ଗଛର ମୂଳ ପାଖରେ ମାଟି ଚଢ଼ାନ୍ତୁ । |
| ଫଳ ଚାଷ | ଫଳ ଅବସ୍ଥା/ ନୂଆଁ ଗଛର ରୋପଣ | • ନୂଆ ଫଳ ଗଛ ରୋପଣ କରିବାକୁ ଥିବା ବଗିଚାରେ ଅଧିକ ଜମା ପାଣି ନିଷ୍କାସନ କଲା ପରେ ରୋପଣ କାର୍ଯ୍ୟ କରନ୍ତୁ ।<br>• ପୁରୁଣା ବଗିଚାରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରି ଗଛ ଚାରିପାଖରେ ଦୀର୍ଘ ସମୟ ଜଳ ଜମି ରହିବାକୁ ଦିଅନ୍ତୁ ନାହିଁ ।<br>• ପ୍ରଚଳିତ ଆର୍ଦ୍ର ଓ ଓଦା ପାଗ ଯୋଗୁଁ, ଗଛର ଫଳ ଓ ପତ୍ରରେ ଆନ୍ଥ୍ରାକ୍ନୋଜ୍, ଫଳ ପଚା ଓ ପତ୍ର ଦାଗ ରୋଗର ଲକ୍ଷଣ ଦେଖିବାକୁ ମିଳିପାରେ ତେଣୁ ଫଳମାଛି ଓ କବକ ଜନିତ ରୋଗର ଆକ୍ରମଣ ପାଇଁ ନିୟମିତ ନିରୀକ୍ଷଣ କରନ୍ତୁ । ଆକ୍ରାନ୍ତ ଓ ଝଡ଼ିଥିବା ଫଳ ସଂଗ୍ରହ କରି ନଷ୍ଟ କରନ୍ତୁ ।<br>• ଉପଯୁକ୍ତ କାନୋପି ପରିଚାଳନା କରି ଗଛ ଭିତରେ ବାୟୁ ଚଳାଚଳ ଓ ସୂର୍ଯ୍ୟକିରଣର ପ୍ରବେଶକୁ ବୃଦ୍ଧି କରନ୍ତୁ । ଏହାଦ୍ୱାରା ଗଛର କାନୋପି ଭିତରେ ଅତ୍ୟଧିକ ଆର୍ଦ୍ରତା କମାଇବାରେ ସହାୟତା ମିଳିଥାଏ । |
| ପନିପରିବା ଚାଷ | ଫୁଲ ଓ ଫଳ ଅବସ୍ଥା | • କ୍ଷେତରେ ଗଛ ମୂଳ ପାଖରେ ପାଣି ଜମିବାକୁ ଦିଅନ୍ତୁ ନାହିଁ ଏବଂ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।<br>• ସମ୍ଭବ ହେଲେ ଲତାଜାତୀୟ ପନିପରିବାକୁ ବାଉଁଶ କିମ୍ବା ତାର ଟ୍ରେଲିଜ୍ ଯୋଗାଇ ଦିଅନ୍ତୁ, ଯାହାଫଳରେ ଫଳ ମାଟି ସଂସ୍ପର୍ଶରେ ନ ଆସିବ ଏବଂ ରୋଗର ପ୍ରାଦୁର୍ଭାବ କମିଯିବ ।<br>• ଠିଆ ଫସଲକୁ ଆବଶ୍ୟକ ଯାନ୍ତ୍ରିକ ସହାୟତା ପ୍ରଦାନ କରନ୍ତୁ ।<br>• ଫସଲରେ ନିୟମିତ ଭାବରେ ଫଳମାଛି ପୋକର ଆକ୍ରମଣ ଉପରେ ନଜର ରଖନ୍ତୁ ।<br>• ପୋକ ଆକ୍ରାନ୍ତ ଫଳ ଏବଂ ଅନ୍ୟାନ୍ୟ ସଂକ୍ରମିତ ଅଂଶଗୁଡ଼ିକୁ ସଂଗ୍ରହ କରି ନଷ୍ଟ କରି ଦିଅନ୍ତୁ ।<br>• ନାଲି କଖାରୁ ପୋକ, ଜଉ ପୋକ ଏବଂ ଧଳାମାଛିର ଆକ୍ରମଣ ପ୍ରତି ସତର୍କ ରୁହନ୍ତୁ ।<br>• କ୍ରମାଗତ ମେଘୁଆ ଓ ବର୍ଷା ପାଗ ଯୋଗୁଁ ଡାଉନି ମିଲଡିଉ, ପାଉଡରି ମିଲଡିଉ (ଚୂର୍ଣ୍ଣିଳ ବା ଧଳା ଗୁଣ୍ଡ ପରି ରୋଗ), ଆନ୍ଥ୍ରାକ୍ନୋଜ୍ ଏବଂ ଫଳ ପଚା ରୋଗର ପ୍ରାଦୁର୍ଭାବ ଦେଖିବାକୁ ମିଳିପାରେ ତେଣୁ ଏହା ପ୍ରତି ନିୟମିତ ନଜର ରଖନ୍ତୁ । |
| ଗେଣ୍ଡୁ ଫୁଲ ଚାଷ | ଅଙ୍ଗିୟ ଅବସ୍ଥା/ ଫୁଲ ଅବସ୍ଥା | • ବିଗତ ଆର୍ଦ୍ର ଓ ବର୍ଷାପ୍ରବଣ ପାଣିପାଗ ପରିସ୍ଥିତି ଯୋଗୁଁ, ଗେଣ୍ଡୁ ଫୁଲରେ ପତ୍ରଦାଗ ରୋଗ ଓ ଫୁଲ ପଚା ରୋଗର ଲକ୍ଷଣ ପାଇଁ ନିୟମିତ ଭାବେ ନିରୀକ୍ଷଣ କରିବାକୁ କୃଷକମାନଙ୍କୁ ପରାମର୍ଶ ଦିଆଯାଉଛି ।<br>• ଗେଣ୍ଡୁ ଫୁଲ କ୍ଷେତରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ, ଜମିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ ଏବଂ ପତ୍ର ଦୀର୍ଘ ସମୟ ଧରି ଓଦା ରହିବାକୁ ଏଡ଼ାନ୍ତୁ । ଆକ୍ରାନ୍ତ ପତ୍ର ଓ ଫୁଲଗୁଡ଼ିକୁ ତୋଳି ନଷ୍ଟ କରନ୍ତୁ ଏବଂ ଉତ୍ତମ ବାୟୁ ଚଳାଚଳ ପାଇଁ ଗଛଗୁଡ଼ିକ ମଧ୍ୟରେ ପର୍ଯ୍ୟାପ୍ତ ଦୂରତା ବଜାୟ ରଖନ୍ତୁ ।<br>• ଯଦି ରୋଗର ଲକ୍ଷଣ ଦେଖାଦିଏ, ତେବେ ମାଞ୍ଜୋକୋଜେବ୍ ୭୫% ଡବ୍ଲ୍ୟୁପି @ ୨–୨.୫ ଗ୍ରାମକୁ ପ୍ରତି ଲିଟର |

| | | |
|---|---|---|
| | | ପାଣିରେ ମିଶାଇ ସଫା ଓ ଶାନ୍ତ ପାଗ ଥିବା ସମୟରେ ଗଛରେ ପ୍ରୟୋଗ କରିବାକୁ ପରାମର୍ଶ ଦିଆଯାଉଛି । |
| ପଶୁ ପାଳନ | • ବର୍ତ୍ତମାନର ଆର୍ଦ୍ର ଓ ବର୍ଷା ପାଗର ସ୍ଥିତିରେ, କୃଷକମାନଙ୍କୁ ପଶୁ ରହୁଥିବା ଗୁହାଳକୁ ପରିଷ୍କାର, ଶୁଷ୍କ ଓ ଭଲ ବାୟୁ ଚଳାଚଳ ହେଉଥିବା ଅବସ୍ଥାରେ ରଖିବା ସହିତ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଛି । ପଶୁମାନଙ୍କୁ ପରିଷ୍କାର ପାନୀୟ ଜଳ ଓ ଶୁଷ୍କ ଖାଦ୍ୟ ଯୋଗାଇବା ସହିତ ଜଳବାହିତ, ରୋଗବାହକଜନିତ ଓ ପରଜୀବୀଜନିତ ରୋଗର ଲକ୍ଷଣ ପାଇଁ ନିୟମିତ ଭାବେ ପଶୁମାନଙ୍କୁ ନିରୀକ୍ଷଣ କରନ୍ତୁ । ଅସୁସ୍ଥ ପଶୁମାନଙ୍କୁ ଅନ୍ୟ ପଶୁଙ୍କଠାରୁ ଅଲଗା ରଖି ତୁରନ୍ତ ପଶୁ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । | |
| କୁକୁଡ଼ା ପାଳନ | • କୁକୁଡ଼ା ଘର ଚାରିପାଖରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରି ଜଳ ଜମିବା ଓ ଅତ୍ୟଧିକ ଆର୍ଦ୍ରତାକୁ ରୋକନ୍ତୁ।<br>• କୁକୁଡ଼ା ଘରକୁ ପରିଷ୍କାର, ଶୁଖିଲା ଓ ଭଲ ବାୟୁ ଚଳାଚଳ ଯୋଗ୍ୟ ରଖନ୍ତୁ । ଲିଟରକୁ ଶୁଖିଲା ରଖନ୍ତୁ; ଆମୋନିଆ ଜମା ହେବା ଓ ରୋଗ ସଂକ୍ରମଣର ଆଶଙ୍କା କମାଇବା ପାଇଁ ଭିଜା କିମ୍ବା ଜମାଟ ବାନ୍ଧିଥିବା ଲିଟରକୁ ତୁରନ୍ତ ବଦଳାଇ ଦିଅନ୍ତୁ ।<br>• କୁକୁଡ଼ା ଖାଦ୍ୟକୁ ଶୁଖିଲା, ଉଚ୍ଚ ଓ ଆବୃତ ସ୍ଥାନରେ ସଂରକ୍ଷଣ କରନ୍ତୁ । ଭିଜା କିମ୍ବା ଛତୁ ଲାଗିଥିବା ଖାଦ୍ୟ କୁକୁଡ଼ାଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ ।<br>• ରାଣୀକ୍ଷେତ ରୋଗ ପ୍ରତି ସତର୍କ ରୁହନ୍ତୁ । କୁକୁଡ଼ା ଘରର ପରିଚ୍ଛନ୍ନତା ଓ ବାୟୁ ଚଳାଚଳ ଠିକ୍ ରଖନ୍ତୁ, ଅତ୍ୟଧିକ ଘନତାରେ କୁକୁଡ଼ା ପାଳନ କରନ୍ତୁ ନାହିଁ ଏବଂ ପଶୁଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ସମୟୋପଯୋଗୀ ଟିକାକରଣ କରନ୍ତୁ । ମୃତ କୁକୁଡ଼ାଙ୍କୁ ସୁରକ୍ଷିତ ଓ ଜୈବ-ସୁରକ୍ଷା ନିୟମ ଅନୁଯାୟୀ ନଷ୍ଟ କରନ୍ତୁ । ମୃତ କୁକୁଡ଼ାଙ୍କ ଶବକୁ କୁକୁଡ଼ା ଘର କିମ୍ବା ଜଳ ଉତ୍ସ ନିକଟରେ ପକାଇ ରଖନ୍ତୁ ନାହିଁ । | |


| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |


---

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍କୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ )https://play.google.com/store/apps/details?id=com.imd.masuam(.।